# ଆଇଆଇଟି ପ୍ରତିଷ୍ଠା ନେଇ କେନ୍ଦ୍ରର ଉପେକ୍ଷାକୁ ଆସୋସିଏସନ ଅଫ୍ ଇଞ୍ଜିନିୟର୍ସର ନିନ୍ଦା

କଟକ,ତା।୨୫(ସ.ପ୍ର.)– ରାଜ୍ୟର ସର୍ବପୁରାତନ ଓ ପ୍ରମୁଖ ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭୁବନେଶ୍ୱରରେ ପାଳିତ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ସମସ୍ତ ଯନ୍ତ୍ରୀ ଓ ଜନସାଧାରଣ ଉକ୍ତ ମହାବିଦ୍ୟାଳୟକୁ ଆଇଆଇଟି ମାନ୍ୟତା ଦେବାର ସ୍ୱପ୍ନ ଦେଖିଥିଲେ। ସେ ଦୃଷ୍ଟିରୁ ଯଦି ରାଜ୍ୟର ସମସ୍ତ ଇଞ୍ଜିନିୟର ଏକମୁଖ ହୋଇ ସ୍ୱର ଉତ୍ତୋଳନ ନକରନ୍ତି ତେବେ ଆସନ୍ତା ୫୦ ବର୍ଷ ଭିତରେ ମଧ୍ୟ ରାଜ୍ୟରେ ଆଇଆଇଟି ପ୍ରତିଷ୍ଠା ହେବନାହିଁ ବୋଲି ଆସୋସିଏସନ୍ ଅଫ୍ ଇଞ୍ଜିନିୟର୍ସ, ଓଡ଼ିଶାର ପ୍ରତିଷ୍ଠାତା ଇଞ୍ଜିନିୟର ଅକ୍ଷୟ ମିଶ୍ର ଚେତାବନୀ ଦେଇଛନ୍ତି। ଆଜି ସନ୍ଧ୍ୟାରେ ଆସୋସିଏସନର ଏକ ଜରୁରୀ ବୈଠକ ସିଡିଏଠାରେ ଇଂ.ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ କେନ୍ଦ୍ର ମାନବ ସମ୍ବଳ ବିଭାଗର ରାଷ୍ଟ୍ରମନ୍ତ୍ରୀ ଡି.ପୁରନ୍ଦେଶ୍ୱରୀଙ୍କ ଓଡ଼ିଶାରେ ଆଇଆଇଟି ପ୍ରତିଷ୍ଠା ହୋଇପାରିବନାହିଁ ଭଳି ବିରୋଧାଭାସକୁ କଡ଼ା ସମାଲୋଚନା କରାଯାଇଛି। ଅର୍ଥର ଅଭାବ ଦେଖାଇ ଏହାକୁ ବନ୍ଦ ନୁହେଁ ଅଧିକନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ ଉପେକ୍ଷା କରାଯାଉଛି ବୋଲି ଜଣାଯାଇଛି। ୨୦୦୫ ଅଗଷ୍ଟ ୨୮ ତାରିଖରେ ତତ୍କାଳୀନ କେନ୍ଦ୍ର ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଏ.ଏ.ଫାତ୍ମା ୫ମ ପଞ୍ଚବାର୍ଷିକ ଯୋଜନାରେ ଦେଶରେ ପ୍ରତିଷ୍ଠିତ ହେବାକୁ ଥିବା ୩ଟି ଆଇଆଇଟି ମଧ୍ୟରୁ ଗୋଟିଏ ଓଡ଼ିଶାରେ ହେବ ବୋଲି ଘୋଷଣା କରିଥିବା ବେଳେ ଏହା ଏବେ ଓଡ଼ିଶା ବଦଳରେ ଆନ୍ଧ୍ରକୁ ସ୍ଥାନାନ୍ତର ହେବା ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି ବୈଠକରେ ଦର୍ଶାଯାଇଥିଲା। ଆଇଆଇଟିର ଏକ ଗ୍ରୀନ୍‌ଫିଲ୍ଡ ପ୍ରତିଷ୍ଠା ପାଇଁ ୫୦୦ରୁ ୭୦୦ ଏକର ଜମି ଓ ଏହାର ବିକାଶ ପାଇଁ ୧୦୦ରୁ ୧୫୦ କୋଟି ଟଙ୍କା ଆବଶ୍ୟକ ଏବଂ ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟର ନିଜସ୍ୱ ୨୦୦ ଏକର ଜାଗା ଥିବା ବେଳେ ଆଉ ୩୦୦ ଏକର ଜାଗା ସେଠାରେ ଉପଲବ୍ଧ ଓ ସରକାର ତାହା ଯୋଗାଇବା ମଧ୍ୟ ସମ୍ଭବ। ସେହିଭଳି ୧:୮ ଫ୍ୟାକଲଟି ଓ ଛାତ୍ର ଆବଶ୍ୟକତାରୁ ବୁର୍ଲାରେ ସଂପ୍ରତି ୧୩୦୦ ଛାତ୍ରଙ୍କ ପାଇଁ ୧୭୫ ଜଣ ଫ୍ୟାକଲଟି ସ୍ଥାନରେ ୭୩ ଜଣ ଅଛନ୍ତି; ଯାହାକୁ ମଧ୍ୟ ଉନ୍ନୀତ କରାଯାଇପାରିବ।

ତେଣୁ ଅର୍ଥନୈତିକ ଦିଗ ପ୍ରତି କେନ୍ଦ୍ର ସରକାର ଦୃଷ୍ଟିପାତ କଲେ ବିହାର ଓ ଆନ୍ଧ୍ରର ମଧ୍ୟସ୍ଥଳରେ ଅବସ୍ଥିତ ବୁର୍ଲାଠାରେ ସ୍ୱଳ୍ପ ଖର୍ଚ୍ଚରେ ଆଇଆଇଟି ହୋଇପାରିବ ବୋଲି ବୈଠକରେ ଦାବି କରାଯାଇଥିଲା। ବୁର୍ଲା ଯାନ୍ତ୍ରିକ ମହାବିଦ୍ୟାଳୟକୁ ଆଇଆଇଟିରେ ପରିବର୍ତ୍ତନ କଲେ ଭିତ୍ତିଭୂମି ବିକାଶ ପାଇଁ ୧୦୦ରୁ ୧୫୦ କୋଟି ଟଙ୍କାରୁ କମ୍ ଖର୍ଚ୍ଚ ହେବ ବୋଲି ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରି ଇଂ.ବ୍ରଜେନ୍ଦ୍ର କାନୁନ୍‌ଗୋ, ସି.ଭି.ଶାସ୍ତ୍ରୀ, ବାଳମୁକୁନ୍ଦ ଦାଶ, ସୁର ମହାପାତ୍ର, ରବି ପାଣିଗ୍ରାହୀ ପ୍ରମୁଖ ମତ ଦେଇଥିଲେ।

ଖଡ଼୍ଗପୁରର ଆଇଆଇଟିର ଏକ ଶାଖା ଏଠାରେ ଖୋଲିବା ଅପେକ୍ଷା ବୁର୍ଲାକୁ ଏକ ସ୍ୱୟଂସଂପୂର୍ଣ୍ଣ ଆଇଆଇଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ ବିଚାର କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପ୍ରତ୍ୟେକ ଇଞ୍ଜିନିୟର ଏହାକୁ ସମର୍ଥନ ଜଣାଇ ଅନ୍ତତଃ ୭ ଦିନ ପର୍ଯ୍ୟନ୍ତ କଳାବ୍ୟାଜ ପରିଧାନ କରି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ରାଜ୍ୟପାଳଙ୍କ ଜରିଆରେ ଦାବି ସ୍ମାରକପତ୍ର ବ୍ୟକ୍ତିଗତ ଭାବେ ପୋଷ୍ଟକାର୍ଡରେ ପ୍ରଦାନ କରିବାକୁ ଏହି ଅବସରରେ ଦାବି କରାଯାଇଛି।

# ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ପ୍ରଦାନ

କଟକ,ତା।୨୫(ସ.ପ୍ର.)– ରାଜ୍ୟର ବିଭିନ୍ନ ଜିଲାରେ ଯୁବକଂଗ୍ରେସ ସଂଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଆଜି ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ସଂଗଠନର ବିଭିନ୍ନ ପଦାଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଇଂ.ରୋହିତ ପୂଜାରୀଙ୍କ ଅନୁମୋଦନକ୍ରମେ ଏହି ତାଲିକାରେ ଜଗତସିଂହପୁର ଓ ଯାଜପୁର ଜିଲାପାଇଁ ସଂଗଠନର ଉପସଭାପତି ବିଶ୍ୱଜିତ୍ ପଟ୍ଟନାୟକ ଓ ସଂପାଦକ ମନୋରମା ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ମୟୂରଭଞ୍ଜ ଓ କଟକ (ସିଟି) ପାଇଁ ଉପସଭାପତି ସଂଗ୍ରାମ ଜେନା ଓ ସଂପାଦକ ତାରିଣୀ ଦାସ, କଳାହାଣ୍ଡି ଓ ବୌଦ୍ଧ ଜିଲା ପାଇଁ ଉପସଭାପତି ବିଶ୍ୱରଞ୍ଜନ ମହାନ୍ତି ଓ ସଂପାଦକ ଅନ୍ନପୂର୍ଣ୍ଣା ପଟେଲ, ପୁରୀ (ସଦର) ଓ ଭୁବନେଶ୍ୱର ସହର ପାଇଁ ଉପସଭାପତି ସତ୍ୟବ୍ରତ ଲେଙ୍କା ଓ ମୁଖପାତ୍ର କେ.ଅନୀଲ କୁମାର, ସୋନପୁର ଓ ଝାରସୁଗୁଡ଼ା ପାଇଁ ଉପସଭାପତି ଜ୍ୟୋତି ଟପ୍ପୋ ଓ ମୁଖପାତ୍ର ଦିଲୀପ ମଲିକ, କନ୍ଧମାଳ ଓ ଭଦ୍ରକ ପାଇଁ ସାଧାରଣ ସଂପାଦକ ନାରାୟଣ ଜେନା ଓ ସଂପାଦକ ସୁନୀତା ସାମଲ, ସମ୍ବଲପୁର ଓ ଦେବଗଡ଼ ପାଇଁ ସାଧାରଣ ସଂପାଦକ ସଞ୍ଜୟ ଦାସ ଓ ସଂପାଦକ ନଳିନୀ ମହାନନ୍ଦ, ଢେଙ୍କାନାଳ ଓ ଅନୁଗୁଳ ପାଇଁ ସାଧାରଣ ସଂପାଦକ ରଞ୍ଜିତା ହେମ୍ବ୍ରମ୍ ଓ ପ୍ରକାଶ ତ୍ରିପାଠୀ, କେନ୍ଦୁଝର ଓ ନୂଆପଡ଼ା ପାଇଁ ସାଧାରଣ ସଂପାଦକ ଶ୍ରୀଧର ବେହେରା ଓ ସଂପାଦକ ସୁବ୍ରତ ମିଶ୍ର, ନୟାଗଡ଼ ଓ ରାୟଗଡ଼ା ପାଇଁ ସାଧାରଣ ସଂପାଦକ ସୂର୍ଯ୍ୟନାରାୟଣ ପଣ୍ଡା ଓ ସଂପାଦକ ରେଜିଆ ବେଗମ୍, ଗଜପତି ଓ ମାଲକାନାଗିରି ପାଇଁ ସାଧାରଣ ସଂପାଦକ ରାକେଶ ସିଂହ ଓ ସଂପାଦକ ଶୋଭାସିନୀ ମନୋଜମାଳା ଦୀନବନ୍ଧୁ, ରାଉରକେଲା ଓ କେନ୍ଦ୍ରାପଡ଼ା ପାଇଁ ସାଧାରଣ ସଂପାଦକ ଦୁର୍ଯ୍ୟୋଧନ କେତକି ଓ ମିଡ଼ିଆ ସଂଯୋଜକ ପ୍ରଦୀପ୍ତ କୁମାର ଦାସ, ସୁନ୍ଦରଗଡ଼ ଓ ବରଗଡ଼ ପାଇଁ ସାଧାରଣ ସଂପାଦକ ମହମ୍ମଦ ନାଶୀର ଖାନ୍ ଓ ସଂପାଦକ ରଞ୍ଜିତ ରାଉତ, କୋରାପୁଟ ଓ ନବରଙ୍ଗପୁର ପାଇଁ ସାଧାରଣ ସଂପାଦକ ହରୀଶ ବେହେରା ଓ ସଂପାଦକ ଆଞ୍ଚଳ ବଟ୍ଟୁ, କଟକ ସଦର ଓ ଖୋର୍ଦ୍ଧା ପାଇଁ ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ନାୟକ ଓ ସଂପାଦକ ଧରିତ୍ରୀ ଜେନା, ବାଲେଶ୍ୱର ଓ ବଲାଙ୍ଗୀର ପାଇଁ ସାଧାରଣ ସଂପାଦକ ଜାବମଣି ଟୁଡୁ ଓ ସଂପାଦକ ରଜେନ୍ଦ୍ର ମହାପାତ୍ର, ପୁରୀ ସହର ଓ ଗଞ୍ଜାମ ପାଇଁ ମିଡ଼ିଆ ସଂଯୋଜକ ତିକେମାନ୍ ଦୀପ ଓ ମୁଖପାତ୍ର ଉମାକାନ୍ତ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକୁ ମନିଟରିଂ କରିବା ଲାଗି ଉପସଭାପତି ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ଗୁରୁପ୍ରସାଦ ନନ୍ଦ, ସାଧାରଣ ସଂପାଦକ ସାବିଆ ଆଲାମ ଓ ସଂପାଦକ ଅଧୀର କୁମାର ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ମିଡ଼ିଆରେ କାର୍ଯ୍ୟନିର୍ବାହୀ ଭାବେ ମାନସରଞ୍ଜନ ମଙ୍ଗରାଜଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲା ଦାୟିତ୍ୱରେ ଥିବା ପ୍ରତିନିଧିମାନେ ଉକ୍ତ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟଧାରା ସଂପର୍କରେ ସମୀକ୍ଷା କରିବା ସହ ମୁଖ୍ୟ କାର୍ଯ୍ୟାଳୟକୁ ସେ ସଂକ୍ରାନ୍ତରେ ଅବଗତ କରାଇବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସଂଗଠନକୁ ଉକ୍ତ ଜିଲାଗୁଡ଼ିକରେ ମଜଭୁତ କରିବା ଲାଗି ସେମାନେ କାର୍ଯ୍ୟ କରିବେ ବୋଲି ସଂଗଠନ ପକ୍ଷରୁ ଜାରି ଏକ ବିବୃତିରେ ମୁଖ୍ୟ ମୁଖପାତ୍ର ମାନସରଞ୍ଜନ ମଙ୍ଗରାଜ ଜଣାଇଛନ୍ତି।